بسم الله الرحمٰن الرحيم

**ଖୁତବା ଜୁମା ୨୧ ଅଗଷ୍ଟ ୨୦୨୦ର ସାରାଂଶ**

**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

## *ଆଁହଜ଼ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସମ୍ପନ୍ନ ବଦରୀ ସାହାବି ହଜ଼ରତ୍ ଜ଼ୁବୈର୍ ବିନ୍ ଅୱାମ୍ ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।*

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି ଅନ୍ତେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ: ଆଜି ଯେଉଁ ସାହାବିଙ୍କ ଚର୍ଚ୍ଚା କରିବି ସେ ହେଉଛନ୍ତି ହଜ଼ରତ ଜ଼ୁବୈର୍ ବିନ୍ ଅୱାମ୍ ର.ଅ । ହଜ଼ରତ ଜ଼ୁବୈର୍ ବିନ୍ ଅୱାମ୍ ର.ଅଙ୍କ ପିତାଙ୍କ ନାମ ଅୱାମ୍ ବିନ୍ ଖୁୱୈଲଦ୍ ଥିଲା ଏବଂ ମାତାଙ୍କ ନାମ ସଫିୟା ବିନ୍‌ତ୍ ଅବ୍‌ଦୁଲ୍ ମୁତଲ୍ଲିବ୍ ଥିଲା । ଯିଏକି ଆଁହଜ଼ରତ ସଅଙ୍କର ଫୁପି ଥିଲେ । ହଜ଼ରତ ଜ଼ୁବୈର୍ ବିନ୍ ଅୱାମ୍ ର.ଅ ଆଁହଜ଼ରତ ସ.ଅଙ୍କ ପତ୍ନୀ ହଜ଼ରତ ଖଦିଜା ର.ଅଙ୍କ ପୁତୁରା ଥିଲେ । ହଜ଼ରତ ଜୁବୈର୍ ର.ଅଙ୍କ ବିବାହ ହଜ଼ରତ ଅବୁ ବକ୍କର୍ ସିଦ୍ଦିକ୍ ର.ଅଙ୍କ ସୁପୁତ୍ରୀ ଅସ୍‌ମାଙ୍କ ସହିତ ହୋଇଥିଲା । ଏପରି ହଜ଼ରତ ଜୁବୈର୍ ହେଉଛନ୍ତି ଆଁହଜ଼ରତ୍ ସ.ଅଙ୍କ ସଢୁ । ହଜ଼ରତ୍ ଜୁବୈର୍ ର.ଅ ହଜ଼ରତ ଅବୁ ବକ୍କର୍ ର.ଅଙ୍କ ପରେ ଇସଲାମ୍ ଧର୍ମ ଗ୍ରହଣ କରିଥିଲେ । ସେ ଇସଲାମ ଧର୍ମ ଗ୍ରହଣକାରୀଙ୍କ ମଧ୍ୟରେ ଚତୁର୍ଥ କିମ୍ବା ପଞ୍ଚମ ବ୍ୟକ୍ତି ଥିଲେ । ହଜ଼ରତ ଜ଼ୁବୈର୍ ର.ଅ ୧୨ ବର୍ଷ ବୟସରେ ଏବଂ ଅନ୍ୟ କେତେକ ବର୍ଣ୍ଣନାନୁଯାୟୀ ୮ କିମ୍ବା ୧୬ ବର୍ଷ ବୟସରେ ଇସ୍‌ଲାମ୍ ଧର୍ମ ଗ୍ରହଣ କରିଥିଲେ । ହଜ଼ରତ ଜୁବୈର୍ ର.ଅ ସେହି ୧୦ ଜଣ ସୌଭାଗ୍ୟଶାଳୀ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ଥିଲେ, ଯାହାଙ୍କୁ ଆଁହଜ଼ରତ ସ.ଅ ତାଙ୍କ ଜୀବନରେ ହିଁ ବୈକୁଣ୍ଠର ଅଧିକାରୀ ହେବାର ସୁସମାଚାର ପ୍ରଦାନ କରିଥିଲେ ଏବଂ ସେ ସେହି ୬ ଜଣ ପରାମର୍ଶଦାତାଙ୍କ ମଧ୍ୟରୁ ଜଣେ ଥିଲେ ଯାହାଙ୍କୁ ହଜ଼ରତ ଉମର୍ ର.ଅ ନିଜ ବିୟୋଗ ପୂର୍ବରୁ ପରବର୍ତ୍ତୀ ଖଲିଫା ରୂପେ ନିର୍ବାଚିତ କରିବା ପାଇଁ ନାମାଙ୍କିତ କରିଥିଲେ ।

ହଜ଼ରତ ଜ଼ୁବୈର୍ ର.ଅ ଯେତେବେଳେ ଇସ୍‌ଲାମ୍ ଧର୍ମ ଗ୍ରହଣ କଲେ ସେତେବେଳେ ତାଙ୍କର ଚଚା ଜ଼ୁବୈର୍ ର.ଅଙ୍କୁ ଏକ ଚଟେଇରେ ଗୁଡ଼ାଇ ତାଙ୍କୁ ଧୂଆଁ ଦେଉଥିଲେ । ଯଦ୍ୱାରା ହଜ଼ରତ ଜ଼ୁବୈର ର.ଅ କଷ୍ଟ ସହ୍ୟ କରି ନପାରି ଇସ୍‌ଲାମରୁ ଓହରି ଯିବେ । କିନ୍ତୁ ହଜ଼ରତ ଜ଼ୁବୈର୍ ର.ଅ ଏହା ହିଁ କହୁଥିଲେ ଯେ, ମୁଁ ସତ୍ୟତାକୁ ଚିହ୍ନି ଯିବା ପରେ, ତାହାର ଅସ୍ୱୀକାର କରିବି ନାହିଁ ।

ହଜ଼ରତ ଜ଼ୁବୈର୍ ର.ଅ ହବ୍‌ଶା ଆଡ଼କୁ ଉଭୟ ପ୍ରବାସରେ ସାହାବାମାନଙ୍କ ସହିତ ସାମିଲ୍ ଥିଲେ ଏବଂ ଯେତେବେଳେ ସେ ମଦିନାକୁ ପ୍ରବାସ କରି ଆସିଲେ ସେତେବେଳେ ହଜ଼ରତ ମୁନ୍‌ଜ଼ର୍ ବିନ୍ ମୁହମ୍ମଦଙ୍କ ଘରେ ଅବସ୍ଥାନ କରିଥିଲେ । ହଜ଼ରତ୍ ଅସ୍‌ମା ର.ଅ ଯିଏକି ହଜ଼ରତ ଜ଼ୁବୈର୍ ବିନ୍ ଅୱାମ ର.ଅଙ୍କ ପତ୍ନି ଥିଲେ ସେ ବର୍ଣ୍ଣନା କରନ୍ତି ଯେ, ମୁଁ ଯେତେବେଳେ ମକ୍କାରୁ ମଦିନା ଅଭିମୁଖେ ପ୍ରବାସ କଲି ସେତେବେଳେ ମୁଁ ଗର୍ଭବତୀ ଥିଲି । ଅତଏବ ମୁଁ କୁବା ନାମକ ସ୍ଥାନରେ କିଛି ସମୟ ପାଇଁ ଅବସ୍ଥାନ କଲି । ଅବ୍‌ଦୁଲ୍ଲାଃ ବିନ୍

ଜ୍ଜୁବୈର୍ ର.ଅ ସେହିଠାରେ ଜନ୍ମଗ୍ରହଣ କଲେ । ମୁଁ ତାଙ୍କୁ ଧରି ଆଁହଜ଼ରତ ସ.ଅଙ୍କ ସେବାରେ ଉପସ୍ଥିତ ହୋଇଗଲି । ଆଁହଜରତ ସ.ଅ ହଜ଼ରତ ଜ୍ଜୁବୈର୍ ର.ଅଙ୍କୁ ନିଜ କୋଳକୁ ପାଛୋଟି ନେଲେ । ପୁନଶ୍ଚ ସେହି ବାଳକର ପାଟିରେ ନିଜର ପବିତ୍ର ଲାଳ ଦେଲେ । ଏପରି ସେହି ବାଳକ ପେଟକୁ ସର୍ବପ୍ରଥମେ ଆଁହଜ଼ରତ ସ.ଅଙ୍କ ପବିତ୍ର ଲାଳ ହିଁ ଯାଇଥିଲା । ଏହାପରେ ଆଁହଜ଼ରତ ସ.ଅ ଖଜୁରୀ କୋଳି ଚୋବେଇ ସେହି ପିଲା ପାଟିରେ ଦେଲେ ଏବଂ ତା' ପାଇଁ ବରକତ୍‌ର ଦୁଆ କଲେ । ସେ ହିଁ ପ୍ରଥମ ସନ୍ତାନ ଯିଏ ମଦିନା ପ୍ରବାସ ପରେ ଇସ୍‌ଲାମ୍‌ରେ ଜନ୍ମ ଗ୍ରହଣ କରିଥିଲେ । ହଜ଼ରତ ଜ୍ଜୁବୈର୍ ର.ଅ ନିଜ ପୁତ୍ରଙ୍କ ନାମ ଶୁହଦାଙ୍କ ନାମନୁଯାୟୀ ନାମକରଣ କିରଥିଲେ । କାରଣ ସମ୍ଭବତଃ ସେମାନେ ମଧ୍ୟ ଅଲ୍ଲାଃତାଲାଙ୍କ ମାର୍ଗରେ ପରବର୍ତ୍ତୀ ପର୍ଯ୍ୟାୟରେ ଶାହାଦତ୍ ପ୍ରାପ୍ତ କରିବେ ।

ହଜ଼ରତ୍ ସଇଦ୍ ବିନ୍ ମୁସୈବ୍ ର.ଅ ବର୍ଣ୍ଣନା କରନ୍ତି ଯେ, ହଜ଼ରତ ଜ୍ଜୁବୈର୍ ବିନ୍ ଅୱାମ୍ ହେଉଛନ୍ତି ପ୍ରଥମ ବ୍ୟକ୍ତି ଯିଏ ଅଲ୍ଲାଃତାଲାଙ୍କ ପାଇଁ ନିଜର ଖଡ୍‌ଗ ଉତ୍ତୋଳନ କରିଥିଲେ । ଏକଦା ହଜ଼ରତ ଜ୍ଜୁବୈର୍ ର.ଅଙ୍କୁ ହଠାତ୍ କେଉଁଠୁ ସ୍ୱର ଶୁଭିଲା ଯେ, ମୁହମ୍ମଦ୍ ସ.ଅଙ୍କୁ ହତ୍ୟା କରି ଦିଆଯାଇଛି । ସେ ଶୀଘ୍ର ନିଜର ଖଡ୍‌ଗ ଧରି ବାହାରିଲେ । କିନ୍ତୁ ବାଟରେ ହିଁ ତାଙ୍କର ଆଁହଜ଼ରତ ସ.ଅଙ୍କ ସହ ଭେଟ ହେଲା, ହୁଜ଼ୁର୍ ସ.ଅ କହିଲେ ଜୁବୈର୍ ! ରହିଯାଅ ! ରହିଯାଅ ! କ'ଣ ହୋଇଛି ? ହଜ଼ରତ ଜ୍ଜୁବୈର୍ ର.ଅ କହିଲେ ମୋତେ ସ୍ୱର ଶୁଭିଥିଲା ଯେ, ନାଉଜ଼ୁବିଲ୍ଲାଃ ଆପଣଙ୍କୁ ଶହୀଦ୍ କରି ଦିଆଯାଇଛି । ଆଁହଜ଼ରତ ସ.ଅ ପଚାରିଲେ ଯେ, ଯଦି ମୋତେ ଶହୀଦ୍ କରି ଦିଆଯାଇ ଥାଆନ୍ତା ତା'ହେଲେ ତୁମେ କ'ଣ କରିଥାଆନ୍ତ ଏବଂ ତୁମର କ'ଣ ପ୍ରତିକ୍ରିୟା ହୋଇ ଥାଆନ୍ତା ? ତେବେ ପ୍ରତ୍ୟୁତ୍ତରରେ ହଜ଼ରତ ଜ୍ଜୁବୈର୍ ର.ଅ ଏହା କହିବାକୁ ଲାଗିଲେ ଯେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ! ମୁଁ ସମସ୍ତ ମକ୍କାବାସୀଙ୍କୁ ବିନାଶ କରିଦେବି । ଆଁହଜ଼ରତ ସ.ଅ ସେତେବେଳେ ହଜ଼ରତ ଜ୍ଜୁବୈର୍ ର.ଅଙ୍କ ପାଇଁ ବିଶେଷ ରୂପେ ଦୁଆ କଲେ । ଅନ୍ୟ ଏକ ବର୍ଣ୍ଣନାରେ ଏହା ଉଲ୍ଲେଖ ରହିଛି ଯେ, ରସୁଲ୍ କରୀମ୍ ସ.ଅ ହଜ଼ରତ ଜ୍ଜୁବୈର୍ ର.ଅଙ୍କ ଖଡ୍‌ଗ ପାଇଁ ମଧ୍ୟ ଦୁଆ କରିଥିଲେ ।

ହଜ଼ରତ ଜ୍ଜୁବୈର୍ ର.ଅ ୱହୋଦ୍ ଯୁଦ୍ଧ ବ୍ୟତୀତ ଅନ୍ୟ ସମସ୍ତ ଯୁଦ୍ଧରେ ରସୁଲ୍ କରୀମ୍ ସ.ଅଙ୍କ ସହିତ ସାମିଲ୍ ଥିଲେ । ୱହୋଦ୍ ଯୁଦ୍ଧରେ ଆଁହଜ଼ରତ୍ ସ.ଅଙ୍କ ସହିତ ଅବିଚଳ ଏବଂ ଅଟଳ ରହିଥିଲେ । ହୁଜ଼ୁର୍ ସ.ଅଙ୍କ ସହ ବୈଅତ୍ କଲେ ଯେ, ଇସ୍‌ଲାମ୍ ପାଇଁ ମୁଁ ନିଜ ପ୍ରାଣର ଆହୁତି ଦେବାକୁ ଭୃକ୍ଷେପ କରିବି ନାହିଁ । ମକ୍କା ବିଜୟ ଅବସରରେ ପ୍ରବାସକାରୀଙ୍କ ତିନୋଟି ଧ୍ୱଜା ମଧ୍ୟରୁ ଗୋଟିଏ ଧ୍ୱଜା ହଜ଼ରତ ଜ୍ଜୁବୈର୍ ର.ଅଙ୍କ ପାଖରେ ରହିଥିଲା । ବଦର୍ ଯୁଦ୍ଧ ଦିନ ଆଁହଜ଼ରତ ସ.ଅଙ୍କ ସହିତ କେବଳ ଦୁଇଟି ଅଶ୍ୱ ଥିଲା । ତନ୍ମଧ୍ୟରୁ ଗୋଟିଏ ଅଶ୍ୱ ଉପରେ ହଜ଼ରତ୍ ଜ୍ଜୁବୈର୍ ର.ଅ ଆରୋହଣ କରିଥିଲେ । ବଦର୍ ଯୁଦ୍ଧରେ ହଜ଼ରତ ଜ୍ଜୁବୈର୍ ର.ଅ ମୁଣ୍ଡରେ ହଳଦିଆ ରଙ୍ଗର ପଗଡ଼ି ପିନ୍ଧିଥିଲେ । ଆଁହଜ଼ରତ ସ.ଅ ତାଙ୍କୁ ଦେଖି କହିଲେ ଯେ, ଦେବଦୂତ ବେଶରେ ହଜ଼ରତ ଜ୍ଜୁବୈର୍ ଭୂପୃଷ୍ଠରେ ଅବତରଣ କରିଛନ୍ତି । ଅର୍ଥାତ୍ ଅଲ୍ଲାଃତାଲା ଯେଉଁ ଦେବଦୂତମାନଙ୍କୁ

ଇସ୍‌ଲାମ୍‌ର ସାହାଯ୍ୟ ପାଇଁ ପ୍ରେରଣ କରିଥିଲେ ସେ ମଧ୍ୟ ସେହି ହଳଦିଆ ପଗଡ଼ି ବେଶରେ ଯୁଦ୍ଧରେ ଲଢୁଛନ୍ତି ।

ହଜ଼ରତ ଜ୍ଜୁବୈର୍ ର.ଅ କହୁଥିଲେ ଯେ, ବଦର୍ ଯୁଦ୍ଧ ଦିନ ଉବୈଦା ବିନ୍ ସଇଦ୍‌ଙ୍କ ସହିତ ମୁଁ ମହାଁମୁହିଁ ହୋଇଥିଲି ଏବଂ ସେ ସମଗ୍ର ଅସ୍ତ୍ରଶସ୍ତ୍ର ନିଜ ଶରୀରରେ ଧାରଣ କରିଥିଲେ । ତା'ର କେବଳ ଚକ୍ଷୁ ହିଁ ଦେଖା ଯାଉଥିଲା ଏବଂ ତା'ର ଗୋତ୍ର ଅବୁ ଜ଼ାତୁଲ୍ କର୍ଶ୍ ଥିଲା । ସେ କହିଲା ଯେ, ମୁଁ ଅବୁ ଜ଼ାତୁଲ୍ କର୍ଶ୍ ଅଟେ, ଏହା ଶୁଣିବା ମାତ୍ରେ ମୁଁ ତା' ଉପରକୁ ବର୍ଚ୍ଛା ଦ୍ୱାରା ଆକ୍ରମଣ କଲି ଏବଂ ତା'ର ଚକ୍ଷୁକୁ କ୍ଷତାକ୍ତ କରିଦେଲି । ଯାହାଫଳରେ ସେ ମରିଗଲା । ହଜ଼ରତ ଜ୍ଜୁବୈର୍ ର.ଅ କହନ୍ତି ଯେ, ମୁଁ ନିଜର ଗୋଡ଼ ତା' ଉପରେ ରଖି ଖୁବ୍ ଜୋରରେ ବଳ ପ୍ରୟୋଗ କଲି ଏବଂ ବହୁ କଷ୍ଟରେ ମୁଁ ସେହି ବର୍ଚ୍ଛାକୁ ଟାଣି ବାହାର କଲି । ଯଦ୍ୱାରା ଉକ୍ତ ବର୍ଚ୍ଛାର ଉଭୟ ପାର୍ଶ୍ୱ ବଙ୍କା ହୋଇଯାଇଥିଲା । ଉର୍‌ୱା ର.ଅ କହନ୍ତି ଯେ, ଯେତେବେଳେ ଆଁହଜ଼ରତ ସ.ଅ ହଜ଼ରତ ଜ୍ଜୁବୈର୍ ର.ଅଙ୍କୁ ଉକ୍ତ ବର୍ଚ୍ଛାକୁ ମାଗିଲେ ସେତେବେଳେ ହଜ଼ରତ ଜ୍ଜୁବୈର ର.ଅ ଉକ୍ତ ବର୍ଚ୍ଛାଟିକୁ ଆଁହଜ଼ରତ ସ.ଅଙ୍କୁ ପ୍ରଦାନ କରିଥିଲେ । ଯେତେବେଳ ଆଁହଜ଼ରତ ସ.ଅଙ୍କର ଅକାଳ ବିୟୋଗ ଘଟିଲା ସେତେବେଳେ ହଜ଼ରତ ଜ୍ଜୁବୈର ର.ଅ ଉକ୍ତ ବର୍ଚ୍ଛାକୁ ଫେରାଇ ନେଇଥିଲେ । ପୁନଶ୍ଚ ଏହାପରେ ଯେତେବେଳେ ହଜ଼ରତ ଅବୁ ବକ୍କର୍ ର.ଅ ଉକ୍ତ ବର୍ଚ୍ଛା ହଜ଼ରତ ଜ୍ଜୁବୈର୍ ର.ଅଙ୍କୁ ମାଗିଲେ ସେତେବେଳେ ହଜ଼ରତ ଜ୍ଜୁବୈର ର.ଅ ଉକ୍ତା ବର୍ଚ୍ଛାଟି ହଜ଼ରତ ଅବୁ ବକ୍କର୍ ର.ଅଙ୍କୁ ପ୍ରଦାନ କରିଥିଲେ ଏବଂ ଯେତେବେଳେ ହଜ଼ରତ ଅବୁ ବକ୍କର୍ ର.ଅଙ୍କ ବିୟୋଗ ହେଲା ସେତେବେଳେ ସେହି ବର୍ଚ୍ଛାଟିକୁ ହଜ଼ରତ ଉମର୍ ର.ଅ ଜ୍ଜୁବୈର୍ ର.ଅଙ୍କୁ ମାଗିଲେ ଏବଂ ହଜ଼ରତ ଜ୍ଜୁବୈର୍ ର.ଅ ସେହି ବର୍ଚ୍ଛାଟିକୁ ହଜ଼ରତ ଉମର୍ ର.ଅଙ୍କୁ ପ୍ରଦାନ କରିଥିଲେ । ପୁନଶ୍ଚ ଯେତେବେଳେ ହଜ଼ରତ ଉମର୍ ର.ଅଙ୍କର ବିୟୋଗ ହେଲା ସେତେବେଳେ ହଜ଼ରତ ଜ୍ଜୁବୈର୍ ର.ଅ ଉକ୍ତ ବର୍ଚ୍ଛାଟିକୁ ଫେରାଇ ଆଣିଥିଲେ । ପୁନଶ୍ଚ ଯେତେବେଳେ ହଜ଼ରତ ଉସମାନ୍ ର.ଅ ଉକ୍ତ ବର୍ଚ୍ଛାଟି ହଜ଼ରତ ଜ୍ଜୁବୈର୍ ର.ଅଙ୍କୁ ମାଗିଲେ ସେତେବେଳେ ହଜ଼ରତ ଜ୍ଜୁବୈର୍ ର.ଅ ଉକ୍ତ ବର୍ଚ୍ଛାଟି ହଜ଼ରତ ଉସମାନ୍ ର.ଅଙ୍କୁ ପ୍ରଦାନ କରିଥିଲେ ଏବଂ ଯେତେବେଳେ ହଜ଼ରତ ଉସମାନ୍ ର.ଅଙ୍କୁ ଶହୀଦ କରାଗଲା ସେତେବେଳେ ଉକ୍ତ ବର୍ଚ୍ଛାଟି ହଜ଼ରତ ଅଲୀଙ୍କୁ ମିଳିଥିଲା । ପରିଶେଷରେ ହଜ଼ରତ ଜ୍ଜୁବୈର୍ ର.ଅ ଉକ୍ତ ବର୍ଚ୍ଛାଟିକୁ ହଜ଼ରତ ଅଲୀ ର.ଅଙ୍କ ଠାରୁ ସଂଗ୍ରହ କରି ନେଇଥିଲେ ଏବଂ ତାହା ହଜ଼ରତ ଜ୍ଜୁବୈର୍ ର.ଅଙ୍କ ପାଖରେ ହିଁ ରହିଥିଲା ଏପର୍ଯ୍ୟନ୍ତ କି ହଜ଼ରତ ଜ୍ଜୁବୈର୍ ର.ଅ ବୀରଗତି ପ୍ରାପ୍ତ କଲେ । ହଜ଼ରତ ଜ୍ଜୁବୈର୍ ବିନ୍ ଅୱାମ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଓହୋଦ୍ ଯୁଦ୍ଧ ଦିନ ନବୀ କରୀମ୍ ସ.ଅ ମୋ ପାଇଁ ନିଜ ଅଭିଭାବକଙ୍କୁ ଏକତ୍ରିତ କରିଥିଲେ । ଅର୍ଥାତ୍ ସେ ମୋତେ ଏହିପରି କହିଲେ ଯେ, ମୋର ମାତାପିତା ଆପଣଙ୍କ ପାଇଁ ଉତ୍ସର୍ଗ ହୋଇ ଯାଆନ୍ତୁ । ହଜ଼ରତ ଜାବିର୍ ବିନ୍ ଅବଦୁଲ୍ଲାଃ ର.ଅ ବର୍ଣ୍ଣନା କରନ୍ତି ଯେ, ଖନ୍ଦକ୍ ଯୁଦ୍ଧ ଅବସରରେ ରସୁଲ୍ କରୀମ୍ ସ.ଅ କହିଲେ ଯେ, ପ୍ରତ୍ୟେକ ନବୀଙ୍କର ଜଣେ ହୱାରୀ (ବିଶ୍ୱସ୍ତ ବନ୍ଧୁ) ଥାଆନ୍ତି ଏବଂ ମୋର ହୱାରୀ ହଜ଼ରତ ଜ୍ଜୁବୈର୍ ର.ଅ ଅଟନ୍ତି ।

ହୁଜୁର୍ ଅନୱର୍ ଅ.ବ କହିଲେ: ଖୈବର୍ ଯୁଦ୍ଧରେ ଇହୁଦୀମାନଙ୍କର ବିଖ୍ୟାତ ଅଧିପତି ମର୍‌ହବ୍ ହଜ଼ରତ ମୁହମ୍ମଦ୍ ବିନ୍ ମୁସଲ୍‌ମାଙ୍କ ଦ୍ୱାରା ନିହତ ହୋଇଥିଲା । ତେବେ ତା' ଭାଇ ୟାସିର୍ ରଣଭୂମିକୁ ଓହ୍ଲାଇ ଆସିଲା । ସେ ସ୍ଲୋଗାନ ଦେଲା ଯେ, କିଏ ସେ ବ୍ୟକ୍ତି, ଯିଏ ମୋର ମୁକାବିଲା କରିବ ? ହଜ଼ରତ ଜ୍ଜୁବୈର୍ ର.ଅ ତା' ସହିତ ଲଢ଼ିବା ପାଇଁ ଆଗକୁ ବଢ଼ିଲେ । ହଜ଼ରତ ସଫିୟା ର.ଅ ନବୀ କରୀମ୍ ସ.ଅଙ୍କୁ କହିଲେ ଯେ, ହେ ଅଲ୍ଲାଃଙ୍କ ରସୁଲ୍ ! ମୋତେ ଏହା ଜଣାପଡୁଛି ଯେ, ଆଜି ମୋର ପୁତ୍ର ବୀରଗତି ପ୍ରାପ୍ତ କରିବ । ଆଁହଜ଼ରତ ସ.ଅ କହିଲେ ନା, ବରଂ ତୁମର ପୁତ୍ର ତାକୁ ନିହତ କରିଦେବ । ହଜ଼ରତ ଜ୍ଜୁବୈର୍ ର.ଅ ୟାସିର୍‌ର ମୁକାବିଲା ନିମନ୍ତେ ବାହାରିଲେ ଏବଂ ସେ ହଜ଼ରତ ଜ୍ଜୁବୈର୍ ର.ଅଙ୍କ ଦ୍ୱାରା ନିହତ ହୋଇଥିଲା । ହଜ଼ରତ ଜ୍ଜୁବୈର୍ ର.ଅ ତିନିଜଣ ଲୋକଙ୍କ ମଧ୍ୟରେ ମଧ୍ୟ ସାମିଲ ଥିଲେ ଯେଉଁମାନଙ୍କୁ ଆଁହଜ଼ରତ ସ.ଅ ସେହି ମହିଳା ବିଷୟରେ ଜାଣିବା ପାଇଁ ପ୍ରେରଣ କରିଥିଲେ ଯିଏ ଅବିଶ୍ୱାସକାରୀଙ୍କ ପାଇଁ ହଜ଼ରତ ହାତିବ୍ ବିନ୍ ଅବି ବଲ୍‌ତାର ପତ୍ର ଘେନି ଯାଉଥିଲା ।

ହଜ଼ରତ ଖଲିଫତୁଲ୍ ମସିହ୍ ସାନି ର.ଅ କହନ୍ତି ଯେ, ହଜ଼ରତ ଜ୍ଜୁବୈର୍ ର.ଅଙ୍କ ଏକ ଘଟଣା ବର୍ଣ୍ଣନା କରି କହନ୍ତି ଯେ, ମକ୍କା ବିଜୟ ପରେ ଆଁହଜ଼ରତ ସ.ଅ ଯେତେବେଳେ ହୁବୁଲ୍ ନାମକ ମୂର୍ତ୍ତି ଉପରେ ନିଜ ବାଡ଼ି ବା ଛାଟ ପ୍ରୟୋଗ କଲେ ଏବଂ ସେ ନିଜ ସ୍ଥାନରୁ ଖସି ତଳେ ପଡ଼ିଗଲା ସେତେବେଳେ ହଜ଼ରତ ଜ୍ଜୁବୈର୍ ର.ଅ ଅବୁ ସୁଫିୟାନ୍ ଆଡ଼କୁ ସ୍ମିତ ହାସ୍ୟ ପ୍ରକାଶ କରି ଚାହିଁଲେ ଏବଂ କହିଲେ, ଅବୁ ସୁଫିୟାନ୍ ! ମନେ ଅଛି ଓହୋଦ୍ ଯୁଦ୍ଧ ଦିନ ଯେତେବେଳେ ମୁସଲମାନମାନେ ଗମ୍ଭୀର ରୂପେ ଆହତ ହୋଇ ଏକ ପାର୍ଶ୍ୱରେ ଛିଡ଼ା ହୋଇଥିଲେ ସେତେବେଳେ ତୁମେ ନିଜ ଅହଂକାର ପ୍ରଦର୍ଶନ କରି ଉଚ୍ଚ ସ୍ୱରରେ ଏହି ଘୋଷଣା କରୁଥିଲ ଯେ, *ଉଲୁଲ୍ ହୁବୁଲ୍ ଉଲୁଲ୍ ହୁବୁଲ୍* ଅର୍ଥାତ୍ ହୁବୁଲ୍ ଠାକୁରଙ୍କ ଜୟ ହେଉ, ହୁବୁଲ୍ ଠାକୁରଙ୍କ ଜୟ ହେଉ । ଏହି ହୁବୁଲ୍ ଦେବତା ହିଁ ଓହୋଦ୍ ଯୁଦ୍ଧ ଦିନ୍ ତୁମକୁ ବିଜୟ ଲାଭ ଦେଇଥିଲେ ପରା । ହେଲେ ଆଜି ଦେଖୁଛଟି ! ସେହି ମୂର୍ତ୍ତିର ଖଣ୍ଡ ବିଖଣ୍ଡିତ ଅଂଶଗୁଡ଼ିକ ତୁମ ସମ୍ମୁଖରେ ପଡ଼ିଛି । ଅବୁ ସୁଫିୟାନ କହିଲା ଜ୍ଜୁବୈର୍ ସେ କଥାଗୁଡ଼ିକ ଛାଡ଼ । ଆଜି ଆମେମାନେ ଭଲଭାବରେ ଦେଖି ନେଇଛେ ଯେ, ଯଦି ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅଙ୍କ ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କୌଣସି ଦେବାଦେବି ଥାଆନ୍ତେ ତେବେ ଆଜି ଆମର ଏପରି ଦୁର୍ଦ୍ଦଶା ହୋଇ ନଥାଆନ୍ତା । ସୁତରାଂ ଏହା ହିଁ ସେହି ଭଗବାନ ଯିଏ ଆଁହଜ଼ରତ ସ.ଅଙ୍କର ଭଗବାନ ଅଟନ୍ତି ।

ସିରିୟା ବିଜୟ ପରେ ହଜ଼ରତ ଉମ୍‌ରୋ ବିନ୍ ଆସ୍ ର.ଅଙ୍କ ନେତୃତ୍ୱରେ ମୁସଲମାନମାନେ ମିସର୍ ଉପରେ ଆକ୍ରମଣ କରିଥିଲେ ଏବଂ ଫୁସ୍ତାତେ ମିସର୍ ସହରର ଘେରାଉ କରି ନେଇଥିଲେ । ଯେତେବେଳେ ସେ ଦୁର୍ଗର କଠିନତା ଓ ସୈନ୍ୟର ନ୍ୟୁନତାକୁ ଦେଖିଲେ ସେତେବେଳେ ହଜ଼ରତ ଉମ୍‌ରୋ ବିନ୍ ଆସ୍ ର.ଅ ହଜ଼ରତ ଉମର୍ ର.ଅଙ୍କୁ କମକ୍ ନାମକ ସ୍ଥାନକୁ ପ୍ରେରଣ କରିବା ପାଇଁ ଆଗ୍ରହ ପ୍ରକାଶ କଲେ । ହଜ଼ରତ୍ ଉମର୍ ର.ଅ ୧୦ ହଜାର ସୈନ୍ୟ ଏବଂ ୪ ଜଣ ଅଫିସର୍ ପ୍ରେରଣ କରିଥିଲେ । ୭ ମାସ ପର୍ଯ୍ୟନ୍ତ ଦୁର୍ଗର ଘେରାଉ ବଳବତ୍ତର ରହିଥିଲା । ଜୟ ଏବଂ ପରାଜୟର କୌଣସି ଫଳାଫଳ ନିର୍ଣ୍ଣୟ ହୋଇପାରିଲା ନାହିଁ ।

ହଜ଼ରତ୍ ଜ୍ଜୁବୈର୍ ର.ଅ ଦିନେ କହିବାକୁ ଲାଗିଲେ ଯେ, ଆଜି ମୁଁ ମୁସଲମାନମାନଙ୍କ ଉପରେ ନିଜକୁ ସମର୍ପିତ କରୁଛି । ଏହା କହି ସେ ଖଡ଼୍ଗ ଉତ୍ତୋଳନ କଲେ ଏବଂ ଶିଢ଼ି ଲଗାଇ କାନ୍ଥ ଉପରେ ଚଢ଼ିଗଲେ । ତାଙ୍କୁ ଚଢ଼ିବାରେ ଅନ୍ୟ କେତେକ ସାହାବାମାନେ ସାହାଯ୍ୟ କରିଥିଲେ । କାନ୍ଥ ଉପରେ ପହଞ୍ଚି ସମସ୍ତେ ଏକ ସ୍ୱରରେ ତକବିର୍ ଏବଂ ସ୍ଲୋଗାନ ଦେଲେ ଏବଂ ଏଥି ସହିତ ସମସ୍ତ ସୈନ୍ୟବାହିନୀ ମଧ୍ୟ ଏଭଳି ଉଚ୍ଚ ସ୍ୱରରେ ତକ୍‌ବିର୍ କଲେ ଯେ, ଦୁର୍ଗର ଭୂମି ଦୋହଲି ଯାଇଥିଲା । ଖ୍ରୀଷ୍ଟିୟାନ୍‌ମାନେ ଭାବିଲେ ଯେ, ମୁସଲମାନମାନେ ଦୁର୍ଗ ଭିତରକୁ ପ୍ରବେଶ କରି ଯାଇଛନ୍ତି । ସେମାନେ ହତବୁଦ୍ଧି ଏବଂ ସ୍ତବ୍ଧ ହୋଇ ସେଠାରୁ ପଳାୟନ କଲେ । ହଜ଼ରତ୍ ଜ୍ଜୁବୈର୍ ର.ଅ ଦୁର୍ଗର କାନ୍ଥରୁ ଓହ୍ଲାଇ ଦୁର୍ଗର ମୁଖଦ୍ୱାରାକୁ ଉନ୍ମୁକ୍ତ କରିଦେଲେ ଏବଂ ଏହାପରେ ସମସ୍ତ ସୈନ୍ୟଦଳ ଦୁର୍ଗ ଭିତରକୁ ଧସେଇ ପଶିଥିଲା । ହଜ଼ରତ୍ ଜ୍ଜୁବୈର୍ ର.ଅଙ୍କ ଚର୍ଚ୍ଚା ଜାରି ରହିଛି ତାଙ୍କ ଜୀବନୀ ସଂପର୍କିତ ଅବିଶିଷ୍ଟାଂଶ ଇନ୍‌ଶାଅଲ୍ଲାଃ ଆଗାମୀ ଖୁତ୍‌ବାରେ ବର୍ଣ୍ଣନା କରିବି।

ଏହାପରେ ମହାମହିମ ହୁଜ୍ଜୁର୍ ଅ.ବ କହିଲେ ବର୍ତ୍ତମାନ ମୁଁ କେତେକ ମୃତକଙ୍କର ନମାଜ୍ ଯନାଜ଼ାଃ ସଂପର୍କରେ ଘୋଷଣା କରିବି । ତନ୍ମଧ୍ୟରୁ ପ୍ରଥମ ଯନାଜ଼ାଃ ହେଉଛି ସମ୍ମାନନୀୟ ସ୍ୱର୍ଗତ ମେରାଜ୍ ଅହେମଦ୍ ସାହେବ୍ ଶହୀଦ୍, ପୁତ୍ର-ମହମୁଦ୍ ଅହେମଦ୍ ସାହେବ୍ ଅଫ୍ ଡ଼ୋଗ୍ରି ଗାର୍ଡେନ୍, ଜିଲ୍ଲା-ପେଶାୱର୍, ପାକିସ୍ତାନ । ଅହେମଦିୟା ବିରୋଧୀ ଦୁର୍ବୃତ୍ତମାନେ ତାଙ୍କୁ ଗତ ୧୨ ତାରିଖ ଦିନ ରାତ୍ର ୯ ଘଟିକା ସମୟରେ ତାଙ୍କ ମେଡ଼ିକାଲ ଷ୍ଟୋର ଆଗରେ ଗୁଳିକରି ଶହୀଦ୍ କରିଦ ଦେଇଥିଲେ । **ଇନ୍ନା ଲିଲ୍ଲାହି ୱ ଇନ୍ନା ଇଲୈହି ରାଜିଉନ୍।** ସେହିପରି ହୁଜ୍ଜୁର୍ ଅନୱର୍ ଅ.ବ କହିଲେ ଯେ, ଆଜିକାଲି ପାକିସ୍ତାନରେ ବିରୋଧ ଚରମ ସୀମାରେ ରହିଛି । ତେଣୁ ସମସ୍ତ ଏହି ଦୁଆ କରନ୍ତୁ; **ରବ୍‌ବି କୁଲ୍ଲୁ ଶୈଇନ୍ ଖାଦିମୁକା ରବ୍‌ବି ଫାହ୍‌ଫଜ୍‌ନି ୱନ୍‌ସୁର୍‌ନି ୱର୍‌ହମ୍‌ନି । ଅଲ୍ଲାହୁମ୍ମା ଇନ୍ନା ନଜ୍‌ଆଲୁକା ଫି ନୁହୁରିହିମ୍ ୱ ନାଉଜୁ ବିକା ମିନ୍ ଶୁରୁରିହିମ୍**ର ଅଧିକରି ଅଧିକ ଜପ କରନ୍ତୁ । ସେହିପରି ଅଧିକରୁ ଅଧିକ **ଦୁରୁଦ୍ ଶରୀଫ୍** ପଢନ୍ତୁ । ଅଲ୍ଲାଃତାଲା ପ୍ରତ୍ୟେକ ଅହେମଦିଙ୍କୁ ସେମାନଙ୍କର ଉପଦ୍ରବ ଠାରୁ ସୁରକ୍ଷିତ ରଖନ୍ତୁ । ଯେତେ ଅଧିକ ଏହି ଶତ୍ରୁତା ବୃଦ୍ଧି ପାଇବ ସେତେ ଅଧିକ ଆମମାନଙ୍କୁ ଅଲ୍ଲାଃତାଲାଙ୍କ ଆଡ଼କୁ ବିନମ୍ରତାର ସହ ଆନତ ହୋଇଚାଲିବା ଉଚିତ୍ ।

ଏହାପରେ ହୁଜ଼ର ଅନୱର୍ ଅ.ବ ସ୍ୱର୍ଗତ ଅଦୀବ୍ ଅହେମଦ୍ ନାସିର ସାହେବ୍, ଯିଏକି ଜଣେ ମୁବଲ୍ଲିଗ୍ ସିଲସିଲା ଥିଲେ ଏବଂ ସ୍ୱର୍ଗତ ହମିଦ୍ ଅହେମଦ୍ ଶେଖ୍ ସାହେବଙ୍କ ବିଷୟରେ ଚର୍ଚ୍ଚା କଲେ ଅଲ୍ଲାଃତାଲା ତାଙ୍କର ସନ୍ତାନ ସନ୍ତତିମାନଙ୍କୁ ମଧ୍ୟ ସେମାନଙ୍କର ପୁଣ୍ୟାବଳୀଗୁଡ଼ିକୁ ଜାରି ରଖିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ଏମାନଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ଜୁମା ନମାଜ଼ା ପରେ ଇନ୍‌ଶାଆଲ୍ଲାଃ ଏହି ତିନି ଜଣଙ୍କର ନମାଜ୍ ଯନାଜ଼ାଃ ପଢେଇବି ।

KHULASA KHUTBA JUMA HUZOOR ANWAR a.b.a

21st Aug 2020

..........................